ବିହାର ରାଜ୍ୟ ଏବଂ ଅନ୍ୟଜଣେ

*ବନାମ*

ରାଞ୍ଚି ଜିଲ୍ଲା ସମତା ପାର୍ଟି ଏବଂ ଅନ୍ୟଜଣେ

19 ମାର୍ଚ୍ଚ, 1996

[କେ. ରାମସ୍ୱାମୀ, ଏସ୍. ପି. ଭରୁଚା ଏବଂ କେ. ଏସ୍. ପରିପୂର୍ଣ୍ଣନ, ନ୍ୟାୟମୂର୍ତ୍ତିବୃନ୍ଦ]

*ଭାରତୀୟ ସମ୍ବିଧାନ, 1950: ଅନୁଚ୍ଛେଦ 136 ଏବଂ 226 - ସପ୍ତମ ଅନୁସୂଚୀ - ତାଲିକା I - ପ୍ରବେଶ 80*

*ଦିଲ୍ଲୀ ସ୍ୱତନ୍ତ୍ର ପୋଲିସ ଅଧିନିୟମ, 1946: ଧାରା 6.*

*ବିହାର ପଶୁପାଳନ ବିଭାଗ - ଶିକ୍ଷା, ସମବାୟ ଏବଂ ମତ୍ସ୍ୟଚାଷ ବିଭାଗ - ବ୍ୟାପକ ସ୍ତରରେ ସରକାରୀ ପାଣ୍ଠିର ହଡ଼ପ, ଠକେଇ କାରବାର ଏବଂ ହିସାବ ଗୁଡ଼ିକର ମିଥ୍ୟା ପ୍ରମାଣ - ରାଜ୍ୟ ପୋଲିସ ଦ୍ୱାରା ତଦନ୍ତ - ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ 226 ଅନୁଯାୟୀ କ୍ଷମତାକୁ ପ୍ରୟୋଗ କରି, ଯେଉଁଥିରେ ରାଜ୍ୟ ସରକାରଙ୍କ ସହମତି ବିନା CBI ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି - ରାଜ୍ୟ ପୋଲିସ ଉପରେ ଦୋଷାରୋପ ନକରି ଏବଂ ସାଧାରଣ ପ୍ରଶାସନରେ ଦୁର୍ନୀତିର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି - ନିର୍ଣ୍ଣୟ କରାଯାଇଥିଲା ଯେ ପ୍ରଦତ୍ତ ନିର୍ଦ୍ଦେଶ ନ୍ୟାୟସଙ୍ଗତ ଏବଂ ଉପଯୁକ୍ତ ଥିଲା ଏବଂ ଅନୁଚ୍ଛେଦ 136 ଅନୁଯାୟୀ କୌଣସି ହସ୍ତକ୍ଷେପକୁ ଆବଶ୍ୟକ କରେ ନାହିଁ - ଦୁର୍ନୀତିରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦର୍ଶାଯାଇଥିବା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦେଶରେ ସଂଶୋଧନ - ନିର୍ଣ୍ଣୟ କରାଯାଇଥିଲା ଯେ ପାଟନା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ସାମଗ୍ରିକ ତତ୍ତ୍ୱାବଧାନରେ CBI ଦ୍ୱାରା ତଦନ୍ତ ହେବା ଉଚିତ୍ - ଏହି ପ୍ରଶ୍ନ ଯେ, ସମ୍ପୃକ୍ତ ରାଜ୍ୟର ସମ୍ମତି ବିନା CBI ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଉଚ୍ଚ ନ୍ୟାୟାଳୟ ଦେଇପାରିବେ କି - ଏକ ସାମ୍ବିଧାନିକ ବିଚାରପୀଠ ନିକଟରେ ବିଚାରାର୍ଥେ ପ୍ରେରଣ ପୂର୍ବରୁ ବିଚାରାଧୀନ ଥିବାରୁ ଅଧିକ ତଦନ୍ତ କରାଯାଇ ନାହିଁ*

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 5177/1996 ଇତ୍ୟାଦି

C.W.J.C. ସଂଖ୍ୟା 459/1996-R ରେ ପାଟନା ଉଚ୍ଚ ନ୍ୟାୟାଳୟର 11.3.96 ତାରିଖର ରାୟ ଏବଂ ଆଦେଶରୁ ।

ହାଜର ପକ୍ଷମାନଙ୍କ ତରଫରୁ ସୋଲି ଜେ. ସୋରାବଜୀ, ଏଫ୍. ଏସ୍. ନରିମାନ୍, ପି. ପି. ରାଓ, ଶାନ୍ତି ଭୂଷଣ, ଅରୁଣ ଜେଟଲୀ, ଓ. ପି. ଶର୍ମା, ରାଜୀବ ଧାୱନ, ରାମେଶ୍ୱର ପ୍ରସାଦ, ଶଶି ଅନୁଗ୍ରହ, ବି. ବି. ସିଂହ, ଜାମସେଦ ବେ, ପ୍ରଶାନ୍ତ ଭୂଷଣ, ମନିନ୍ଦର ସିଂହ, ପ୍ରତିଭା ଏମ୍. ସିଂହ, ରବି ଶଙ୍କର ପ୍ରସାଦ, ରାକେଶ ପ୍ରସାଦ, ସୁଶୀଲ କୁମାର ମୋଦୀ, ସୁଶ୍ରୀ ନନିତା ଶର୍ମା, ରଣଜୀ ଥୋମାସ୍, ପ୍ରଶାନ୍ତ ଚୌଧୁରୀ, ପି. କେ. ଶାହି, ପ୍ରମୋଦ କୁମାର, ଗୋପାଳ ସିଂହ ଏବଂ ସୁଶ୍ରୀ ବିମଳା ସିହ୍ନା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା: ଅନୁମତି ପ୍ରଦାନ କରାଗଲା ।

ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କ ଶୁଣିଛୁ ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡିକ CWJC ସଂଖ୍ୟା 459/1996 ଏବଂ ଦଫାରେ ପାଟନା ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠଙ୍କ 11 ମାର୍ଚ୍ଚ, 1996 ର ରାୟରୁ ଉତ୍ପନ୍ନ ହୋଇଛି । ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟରେ ଦର୍ଶାଯାଇଥିବା ସମସ୍ତ ତଥ୍ୟଗୁଡ଼ିକ ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ । ଏହା ଦର୍ଶାଇବା ଯଥେଷ୍ଟ ଯେ ବିହାର ରାଜ୍ୟର ପଶୁପାଳନ ବିଭାଗରେ ବ୍ୟାପକ ସ୍ତରରେ ସରକାରୀ ପାଣ୍ଠିର ହଡ଼ପ, ଠକେଇ କାରବାର ଏବଂ ହିସାବ ଗୁଡ଼ିକର ମିଥ୍ୟା ପ୍ରମାଣ, ଯାହାର ପରିମାଣ ପାଖାପାଖି 500 କୋଟି ଟଙ୍କା ଥିଲା, ସାମ୍ନାକୁ ଆସିଥିଲା । ଏହା 1977-78 ରୁ 1995-96 ବର୍ଷ ମଧ୍ୟରେ ହୋଇଥିଲା । ଶିକ୍ଷା, ସମବାୟ ଏବଂ ମତ୍ସ୍ୟଚାଷ ବିଭାଗରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ସମସ୍ତ ଅଧିବକ୍ତା ଏଥିରେ ସହମତ ହୋଇଥିଲେ ଯେ ଏକ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରାଯିବା ଜରୁରୀ ଅଟେ । ଉଭୟ ପକ୍ଷର ଓକିଲଙ୍କ ମଧ୍ୟରେ ଏକମାତ୍ର ଯୁକ୍ତି ହେଉଛି ଯେ ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ 226 ଅନୁଯାୟୀ ଏହାର କ୍ଷମତା ପ୍ରୟୋଗ କରି, ରାଜ୍ୟ ପୋଲିସଠାରୁ ତଦନ୍ତଭାର ନେଇପାରିବେ କି ଏବଂ ଏହାକୁ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (CBI) କୁ ହସ୍ତାନ୍ତର କରିପାରିବେ କି ।

ରାଜ୍ୟ ତରଫରୁ ହାଜର ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଏଫ୍. ଏସ୍. ନରିମାନ୍ ଯୁକ୍ତି ବାଢ଼ିଥିଲେ ଯେ, ସମ୍ବିଧାନର ସପ୍ତମ ଅନୁସୂଚୀର ତାଲିକା-Iର ପ୍ରବେଶ 80 ଏବଂ ଦିଲ୍ଲୀ ସ୍ୱତନ୍ତ୍ର ପୋଲିସ ଅଧିନିୟମ, 1946 (ଅଧିନିୟମ 26/1946) ର ଧାରା 6 ଦ୍ୱାରା ଉପଯୁକ୍ତ ରାଜ୍ୟ ସରକାରଙ୍କ ସମ୍ମତି ବିନା ରାଜ୍ୟ ପୋଲିସ ବ୍ୟତୀତ ଅନ୍ୟ କୌଣସି ତଦନ୍ତକାରୀ ସଂସ୍ଥା ରାଜ୍ୟରେ

ହୋଇଥିବା ଅପରାଧର ତଦନ୍ତ କରିପାରିବେ ନାହିଁ । ଅନୁଚ୍ଛେଦ 226 ଅନୁଯାୟୀ କ୍ଷମତା ପ୍ରୟୋଗ କରିବା ସମୟରେ ଉଚ୍ଚ ନ୍ୟାୟାଳୟ ଏହି ସୀମାକୁ ଧ୍ୟାନରେ ରଖିବା ଉଚିତ୍ ଥିଲା । ସମ୍ବିଧାନର ଅନୁଚ୍ଛେଦ 142 ଅନୁଯାୟୀ କ୍ଷମତା ପ୍ରୟୋଗ କରୁଥିବା ଏହି ନ୍ୟାୟାଳୟ ଉପରେ ସମ୍ପୂର୍ଣ୍ଣ ନ୍ୟାୟ କରିବା ପାଇଁ ଏହି ସୀମା ପ୍ରଯୁଜ୍ୟ ନଥିଲା । ସେଥିପାଇଁ, ସରକାରୀ ପାଣ୍ଠିର ହଡ଼ପ, ବଡ଼ ଧରଣର ଆତ୍ମସାତ୍ କରଣ, ନଥିର ମନଗଢ଼ା ଉପସ୍ଥାପନ ଏବଂ ନଷ୍ଟ ଆଦି ଅଭିଯୋଗର ତଦନ୍ତ କରିବାକୁ CBIକୁ ନିର୍ଦ୍ଦେଶ ଦେବାରେ ଉଚ୍ଚ ନ୍ୟାୟାଳୟ ଆଇନ ଦୃଷ୍ଟିରୁ ଠିକ୍ ନଥିଲେ । ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀ ପି. ପି. ରାଓ ଯୁକ୍ତି ବାଢ଼ିଥିଲେ ଯେ ରାଜ୍ୟ ସରକାର ତଦନ୍ତ ଆରମ୍ଭ କରିବାରେ ବିଳମ୍ବ କରିନାହାଁନ୍ତି । ଏହି ମାମଲା ମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆସିବା ମାତ୍ରେ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ, ତ୍ରୁଟି କରିଥିବା ଅଧିକାରୀମାନଙ୍କୁ ନିଲମ୍ବିତ କରିଥିଲେ ଏବଂ ନିୟମିତ ବିବରଣୀ ଦାଖଲ କରିବା ପାଇଁ ଏକ ତଦନ୍ତ ଗଠନ କରିଥିଲେ । ଶ୍ରୀ ରାଓ ଉପସ୍ଥାପନ କରିଥିଲେ ଯେ କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବିଚାର କିମ୍ବା ବିଭାଗୀୟ କାର୍ଯ୍ୟାନୁଷ୍ଠାନରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ପ୍ରୟାସ କରିବେ ନାହିଁ । ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଉପଯୁକ୍ତ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ପ୍ରମାଣିତ ହୋଇଥିଲା । ରାଜ୍ୟ ପୋଲିସ ବିରୋଧରେ କୌଣସି ଅଭିଯୋଗ ନଥିଲା । ଉଚ୍ଚ ନ୍ୟାୟାଳୟ ନିୟନ୍ତ୍ରଣକୁ ସଂରକ୍ଷିତ ରଖି ପାରିଥାନ୍ତେ ଏବଂ ରାଜ୍ୟ ପୋଲିସ ଦ୍ୱାରା ତଦନ୍ତ ତଦାରଖ କରିପାରିଥାନ୍ତେ । ଏହା ପରିବର୍ତ୍ତେ, ଏହା ରାଜ୍ୟ ପୋଲିସକୁ ଏହାର ବୈଧାନିକ କ୍ଷମତାରୁ ବଞ୍ଚିତ କରିଥିଲେ ଏବଂ ଏହାକୁ CBIକୁ ହସ୍ତାନ୍ତର କରିଥିଲେ, ଯାହା ସମ୍ବିଧାନ ଅନୁଯାୟୀ କ୍ଷମତାର ଆବଣ୍ଟନକୁ ପ୍ରଭାବିତ କରିଥିଲା । ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ସୋଲି ଜେ. ସୋରାବଜୀ, ସମସ୍ତ ଯୁକ୍ତିକୁ ସମର୍ଥନ କରି ଉପସ୍ଥାପନ କରିଥିଲେ ଯେ ଭାରତ ସରକାର ଅଧିନିୟମ, 1935 ର ପ୍ରବେଶ 39 ରେ କ୍ଷମତାର ଉନ୍ମୋଚନ କରାଯାଇପାରିବ, ରାଜ୍ୟ ପୋଲିସକୁ କ୍ଷମତାରୁ ବଞ୍ଚିତ କରାଯାଇପାରିବ ନାହିଁ । କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ତଦନ୍ତକୁ ରାଜ୍ୟ ସରକାରଙ୍କ ସମ୍ମତି ବିନା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଦେଶ ଦିଆଯାଇ ପାରି ନଥାନ୍ତା ।

ଅନ୍ୟପକ୍ଷରେ, ଉତ୍ତରଦାତାମାନଙ୍କ ପକ୍ଷରୁ ଉପସ୍ଥାପିତ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଶାନ୍ତି ଭୂଷଣ ଯୁକ୍ତି ବାଢ଼ିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କର କ୍ଷମତା ଅସୀମିତ ଅଟେ । ସେହି କ୍ଷମତାର ପ୍ରୟୋଗ ଉପରେ ସ୍ୱଳାଗୁ କରାଯାଇଥିବା ଆରୋପିତ ସୀମାବଦ୍ଧତା ଥିଲା । ରାଜ୍ୟ ପ୍ରଶାସନ ମଧ୍ୟରେ ହୋଇଥିବା ଜାଲିଆତି କାରବାରର ଗୁରୁତ୍ୱପୂର୍ଣ୍ଣ ତ୍ରୁଟିକୁ ଦୃଷ୍ଟିରେ ରଖି, ସେଗୁଡ଼ିକର ତଦନ୍ତ କରାଯିବା ଆବଶ୍ୟକ ଥିଲା ଏବଂ ତ୍ରୁଟି କରିଥିବା ଅଧିକାରୀମାନଙ୍କୁ ଏକ ସ୍ୱାଧୀନ ସଂସ୍ଥା ଦ୍ୱାରା ବିଚାରକୁ ନିଆଯିବା ଆବଶ୍ୟକ ଥିଲା । ଯଦି ଏକ ସ୍ୱାଧୀନ ସଂସ୍ଥା ଦ୍ୱାରା ତଦନ୍ତ କରାଯାଏ ତେବେ

ଲୋକଙ୍କ ବିଶ୍ୱାସକୁ ସୁନିଶ୍ଚିତ କରାଯାଇପାରିବ । କୌଣସି ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ମିଥ୍ୟା ଭାବରେ ଫସାଇବା କିମ୍ବା କୌଣସି ପ୍ରକୃତ ଅପରାଧୀଙ୍କୁ ରକ୍ଷା କରିବା ପାଇଁ CBIର କୌଣସି କାରଣ ନଥିଲା । ତେଣୁ, ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ, ଯେତେବେଳେ ପ୍ରଶାସନ ଉପରେ ସନ୍ଦେହର ବାଦଲ ଆସିଥିଲା, ଏକ ସ୍ୱାଧୀନ ସଂସ୍ଥା ତଦନ୍ତ କରିବା ଉପଯୁକ୍ତ ହେବ । ସେଥିପାଇଁ, ଅନୁଚ୍ଛେଦ 226 ଅନୁଯାୟୀ ନିଜର ବିବେକାଧିକାର ପ୍ରୟୋଗ କରି ଉଚ୍ଚ ନ୍ୟାୟାଳୟ CBIକୁ ରାଜ୍ୟ ନିଜେ ଦେଇଥିବା ଏକ ଆକଳନ-500 ଟଙ୍କାରୁ ଅଧିକ ଜାଲିଆତି କାରବାରର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ଦୁର୍ନୀତି ନିବାରଣ ଆୟୋଗଙ୍କ ଜରିଆରେ ଆୟକର ବିଭାଗର ସୂଚନା ସତ୍ତ୍ୱେ ନଥିଭୁକ୍ତ ପ୍ରମାଣ ଆଧାରରେ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ ତଦନ୍ତ ଏବଂ ଦୋଷାରୋପ ଫର୍ଦ୍ଦ ଦାଖଲ କରିବାରେ ରାଜ୍ୟ ପୋଲିସର ନିଷ୍କ୍ରିୟତାକୁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଅରୁଣ ଜେଟଲୀ ସମାଲୋଚନା କରିଥିଲେ । ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ରାଜୀବ ଧାୱନ ଜନସାଧାରଣଙ୍କ ବିଶ୍ୱାସର ଆଧାର ଉପରେ ରାୟକୁ ସମର୍ଥନ କରିଥିଲେ ଏବଂ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଓ. ପି. ଶର୍ମା ଏହାକୁ ଦୋହରାଇଥିଲେ ।

ଯୁକ୍ତିଗୁଡିକୁ ଦୃଷ୍ଟିରେ ରଖି, ବିଚାର ପାଇଁ ଉତ୍ଥାପିତ ପ୍ରଶ୍ନ ହେଉଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରେ ହସ୍ତକ୍ଷେପ କରିବାରେ ଏହି ନ୍ୟାୟାଳୟ ନ୍ୟାୟସଙ୍ଗତ ହେବ କି ? ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ CBI ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଦେବା ପାଇଁ ଉଚ୍ଚ ନ୍ୟାୟାଳୟର କ୍ଷମତାର ମାନଦଣ୍ଡ, ଯଦିଓ ସମ୍ପୃକ୍ତ ରାଜ୍ୟର ସମ୍ମତି ବିନା ଅଟେ, ଏହି ନ୍ୟାୟାଳୟର ପାଞ୍ଚ ଜଣ ବିଚାରପତିଙ୍କ ସାମ୍ବିଧାନିକ ବିଚାରପୀଠରେ ବିଚାରାଧୀନ ଏକ ବିଚାରାର୍ଥେ ପ୍ରେରଣ ପ୍ରସଙ୍ଗ ଅଟେ । (ଏହା 10 ମାର୍ଚ୍ଚ, 1989ର ଆଦେଶ ଅନୁଯାୟୀ W.P. ସଂଖ୍ୟା 531-36/1985ରେ ରହିଛି ।) ତେଣୁ, ରାଜ୍ୟର ସମ୍ମତି ବିନା ଅପରାଧଗୁଡ଼ିକର ତଦନ୍ତ କରିବା ପାଇଁ CBIକୁ ନିର୍ଦ୍ଦେଶ ଦେବା ପାଇଁ ଅନୁଚ୍ଛେଦ 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟର କ୍ଷମତାର ସୀମା ଏହି ନ୍ୟାୟାଳୟ ସମ୍ମୁଖରେ ପୂର୍ବରୁ ରହିଛି ଏବଂ ତାହାକୁ ଅନୁଧ୍ୟାନ କରାଯିବ ।ଉଭୟ ପକ୍ଷର ବିଦ୍ୱାନ ଅଧିବକ୍ତାଙ୍କ ଦ୍ୱାରା ସମ୍ବୋଧିତ ସମସ୍ତ ଯୁକ୍ତି ସାମ୍ବିଧାନିକ ବିଚାରପୀଠ ଦ୍ୱାରା ବିଚାର କରାଯିବ ଏବଂ ଏହାର ତର୍ଜମା କରାଯିବ ।

ତେବେ ଏକମାତ୍ର ପ୍ରଶ୍ନ ହେଉଛି ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଆମର ହସ୍ତକ୍ଷେପ ପାଇଁ ଏହା ଏକ ଉପଯୁକ୍ତ ମାମଲା କି ? ଏକ ଜନସ୍ୱାର୍ଥ ମକଦ୍ଦମାରେ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ କ୍ଷମତାର ପ୍ରୟୋଗ କୌଣସି ରାଜନୈତିକ ଦଳ କିମ୍ବା ଲୋକଙ୍କ

ଗୋଷ୍ଠୀକୁ କୌଣସି ସୁବିଧା ଦେବା ପାଇଁ ନଥିଲା, ଯାହା ଅପିଲକାରୀମାନଙ୍କ ଓକିଲଙ୍କ ଦ୍ୱାରା ଅନୁମାନ କରାଯାଇଥିଲା । ଏହା ରାଜ୍ୟ ପୋଲିସ ଉପରେ ଦୋଷାରୋପ କରିବା ପାଇଁ ନଥିଲା । ସାର୍ବଜନୀନ ପ୍ରଶାସନରେ ଦୁର୍ନୀତି, ଅମଲାତନ୍ତ୍ର ଦ୍ୱାରା ମନ୍ଦ ଆଚରଣ, ସରକାରୀ ନଥିର ମନଗଢ଼ା ଉପସ୍ଥାପନ, ଏବଂ ଏକ ସ୍ୱାଧୀନ ସଂସ୍ଥା ଦ୍ୱାରା ସାର୍ବଜନୀନ ପାଣ୍ଠିର ଆତ୍ମସାତ୍ କରଣ ତଦନ୍ତ କରିବା ପାଇଁ ଏହା କରାଯାଇଥିଲା ଯାହା ଜନସାଧାରଣଙ୍କ ବିଶ୍ୱାସ ପ୍ରାପ୍ତ କରିବ । ତେଣୁ, ଆମର ମତ ହେଉଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦେଶ ନ୍ୟାୟସଙ୍ଗତ ଏବଂ ଉପଯୁକ୍ତ ବୋଲି ମନେହୁଏ ଏବଂ କୌଣସି ପ୍ରକୃତ ହସ୍ତକ୍ଷେପକୁ ଆବଶ୍ୟକ କରେ ନାହିଁ ।

ତେବେ ପ୍ରଶ୍ନ ହେଉଛି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦେଶରେ କୌଣସି ପରିବର୍ତ୍ତନର ଆବଶ୍ୟକତା ଅଛି କି । ଶ୍ରୀ ନରିମାନ ଏହା ଦର୍ଶାଇଛନ୍ତି ଯେ ରାଜ୍ୟ ପୋଲିସ ବିଭିନ୍ନ ବ୍ୟକ୍ତିଙ୍କ ବିରୋଧରେ 40ଟି ପ୍ରାଥମିକ ସୂଚନା ରିପୋର୍ଟ ପ୍ରସ୍ତୁତ କରିସାରିଛି, 44 ଜଣ ଅପରାଧୀଙ୍କୁ ଗିରଫ କରିଛି ଏବଂ 239 ଜଣଙ୍କ ସମ୍ପତ୍ତି ସଂଲଗ୍ନିତ କରିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଅପରାଧରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବାର ଆବଶ୍ୟକତା ରହିଛି । କେବଳ ଉପରୋକ୍ତ ସମସ୍ତ ବ୍ୟକ୍ତି ନୁହେଁ ବରଂ ଏଥିରେ ସମ୍ପୃକ୍ତ ଅନ୍ୟ ସମସ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଏହି ପରିବର୍ତ୍ତନ କରାଯିବ ।

ଆମର ଏହା ମଧ୍ୟ ମତ ଯେ, CBI ଦ୍ୱାରା ତଦନ୍ତର ନିୟନ୍ତ୍ରଣକୁ ନେଇ ରାଜ୍ୟର ଆଶଙ୍କାକୁ ଦୂର କରିବା ପାଇଁ, ଏହା ପାଟନା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ସାମଗ୍ରିକ ନିୟନ୍ତ୍ରଣ ଏବଂ ତତ୍ତ୍ୱାବଧାନରେ ରହିବା ଉଚିତ୍ । ତଦନ୍ତ ଦାୟିତ୍ୱରେ ଥିବା CBI ଅଧିକାରୀମାନେ ସମ୍ପୃକ୍ତ ଫୌଜଦାରୀ ଅଦାଲତ ବ୍ୟତୀତ ପାଟନା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ତଦନ୍ତରେ ହୋଇଥିବା ଅଗ୍ରଗତି ବିଷୟରେ ସମୟ ସମୟରେ ସୂଚନା ଦେବେ ଏବଂ ଯଦି ସେମାନେ ତଦନ୍ତ ପରିଚାଳନା ପ୍ରସଙ୍ଗରେ କୌଣସି ନିର୍ଦ୍ଦେଶ ଆବଶ୍ୟକ କରନ୍ତି, ତେବେ ତାଙ୍କଠାରୁ ସେଗୁଡ଼ିକୁ ପାଇପାରିବେ । ବିଦ୍ୱାନ ପ୍ରଧାନ ବିଚାରପତି ଏହି ମାମଲାକୁ ତାଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ବିଚାରପୀଠ ନିକଟରେ ନିର୍ଦ୍ଦେଶ ଦେବା ପାଇଁ ଉପସ୍ଥାପନ କରିପାରିବେ କିମ୍ବା ଅନ୍ୟ କୌଣସି ଉପଯୁକ୍ତ ବିଚାରପୀଠ ଗଠନ କରିପାରିବେ । ଆକ୍ଷେପିତ ରାୟରେ ଉଚ୍ଚ ନ୍ୟାୟାଳୟଙ୍କ ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠଙ୍କ ଦ୍ୱାରା ସୂଚିତ ହୋଇଥିବା ଅନୁଯାୟୀ, ତଦନ୍ତ ଶେଷ ହେବା ପରେ ଏବଂ ବିବରଣୀ ଚୂଡ଼ାନ୍ତ ହେବା ପରେ, ତ୍ୱରିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ଉଚ୍ଚ ନ୍ୟାୟାଳୟ ଏବଂ ରାଜ୍ୟ ସରକାର ମାମଲାଗୁଡ଼ିକର ତ୍ୱରିତ ସମାଧାନ କରିବା ପାଇଁ ପର୍ଯ୍ୟାପ୍ତ

ସଂଖ୍ୟକ ସ୍ୱତନ୍ତ୍ର ବିଚାରପତି ନିଯୁକ୍ତ କରିବାରେ ସହଯୋଗ କରିବେ ଯାହା ଦ୍ୱାରା କୌଣସି ପ୍ରମାଣ ନଷ୍ଟ ହେବ ନାହିଁ ।

ପୂର୍ବରୁ ଆରମ୍ଭ ହୋଇଥିବା ମାମଲାଗୁଡ଼ିକରେ ରାଜ୍ୟ ପୋଲିସ ଦ୍ୱାରା ତଦନ୍ତ ସ୍ଥଗିତ ରହିବ ବୋଲି ଅନୁଚ୍ଛେଦ 54ରେ ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠଙ୍କ ଆଦେଶରେ ପରିବର୍ତ୍ତନ କରାଯାଇଛି । ପୂର୍ବୋକ୍ତ ଅନୁଯାୟୀ ଉପରୋକ୍ତ ସମସ୍ତ ତଦନ୍ତ ଏବେ CBIକୁ ଦିଆଯାଇଛି । ଉପରୋକ୍ତ FIR, ଗିରଫଦାରୀ ଏବଂ ସଂଲଗ୍ନିତ ସମେତ ରାଜ୍ୟ ପୋଲିସ ଦ୍ୱାରା ପୂର୍ବରୁ କରାଯାଇଥିବା ତଦନ୍ତକୁ ହାତକୁ ନେବା ଏବଂ ଏହାର ଉପଯୁକ୍ତ ଫଏସଲା କରିବା ପାଇଁ CBIକୁ ନିର୍ଦ୍ଦେଶ ଦିଆଯାଇଛି ।

ତଦନୁସାରେ ଅପିଲ ଗୁଡ଼ିକର ଫଏସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି. ଏନ୍. ଏ. ଅପିଲଗୁଡ଼ିକର ଫଏସଲା କରାଯାଇଥିଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,<br>
ଅନୁବାଦିକା,<br>
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ